# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31 August – 2026

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୨୮ଟି ନୂତନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ ୫୬୦ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ପ୍ରକୃତ ଜି.ଡି.ପି. ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ
- ଦେଶରେ ଚିପ୍ ବିନିର୍ମାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସେମିକନ୍-୨.୦ ଯୋଜନାର ଅଧିସୂଚନା ଜାରି କଲେ କେନ୍ଦ୍ର ସରକାର

ଏବଂ

- ଲଘୁଚାପର ପ୍ରଭାବରେ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

# ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ ଓ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ନେଇ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ୧୯୯୨ ମସିହାରେ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ଆରମ୍ଭ ହୋଇଥିଲା । ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

ଜନସାଧାରଣଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଆଧାର କରି ସହରାଞ୍ଚଳରେ ଉନ୍ନତ, ସଡ଼କ ବ୍ୟବସ୍ଥା, ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ସହ ଆଧୁନିକ ନାଗରିକ ସୁବିଧାର ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନଗରୀକରଣ କେବଳ ଭିତ୍ତିଭୂମିର ବିକାଶ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ଅଧିକ ସୁଖଦ, ସୁବିଧାଜନକ ଓ ସୁନ୍ଦର କରିବାର ଏକ ପ୍ରତିବଦ୍ଧତା । ରାଜ୍ୟ ସରକାର ଏ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ସହର ଲୋକଙ୍କ ପାଇଁ ରୋଜଗାର, ଉଦ୍ୟମ, ନବସୃଜନ ଓ ସମୃଦ୍ଧିର କେନ୍ଦ୍ର । ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ଓ ଉଦ୍ୟୋଗୀଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରି ସହରଗୁଡ଼ିକୁ ବିକାଶର ଇଞ୍ଜିନ୍ ଭାବେ ଗଢ଼ିବାକୁ ରାଜ୍ୟ ସରକାର କାର୍ଯ୍ୟ

କରୁଛନ୍ତି। ଜଳାଶୟ ସୁରକ୍ଷା, ସବୁଜ ଅଞ୍ଚଳ ବୃଦ୍ଧି, ଜଳ ସଂରକ୍ଷଣ, ବର୍ଜ୍ୟ ପରିଚାଳନା ଓ ସ୍ୱଚ୍ଛ ଶକ୍ତିର ବ୍ୟବହାର ସହ ସହରଗୁଡ଼ିକୁ ସ୍ୱଚ୍ଛ ଓ ସବୁଜ କରିବା ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୮ଟି ନୂତନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା–ୟୁଏଲ୍‌ବି ପାଇଁ ୫୬୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଏଥିସହ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କାର ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟେକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ୨୦ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ସହଯୋଗ କାର୍ଯ୍ୟକ୍ରମ ଜରିଆରେ ୭ ହଜାର ୮୮୬ ପରିବାରର ୨ ଲକ୍ଷ ୭୭ ହଜାର ୫୯୫ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସଂଯୋଗ କରାଯାଇଛି। ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନର ସହ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ' ପୌର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପୌରସଂସ୍ଥା, ସ୍ୱଚ୍ଛସାଥୀ, ଜଳସାଥୀ ଓ କୁଟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

Desk

# ଜିଡିପି ଅଭିବୃଦ୍ଧି

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ପ୍ରକୃତ ମୋଟ ଘରୋଇ ଉତ୍ପାଦ ବା ରିଏଲ ଜିଡିପି ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏ ସମ୍ପର୍କରେ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ

କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲରୁ ଜୁନ୍ ମାସ ପର୍ଯ୍ୟନ୍ତ ଜିଡିପିର ଆକଳନ ପ୍ରକାଶ ପାଇଛି। ଗତ ଆର୍ଥିକ ବର୍ଷରେ ସମାନ ଅବଧିରେ ଏହି ଅଭିବୃଦ୍ଧି ହାର ୬ ଦଶମିକ ୯ ପ୍ରତିଶତ ରହିଥିଲା। ବିଶ୍ୱସ୍ତରରେ ଅନିଶ୍ଚିତତା ସତ୍ତ୍ୱେ ଦେଶର ଏହି ଉପଲବ୍ଧି ଲୋକଙ୍କ ସାମୂହିକ ଶକ୍ତି ଓ ଦୃଢ଼ତାକୁ ଦର୍ଶାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

Englishpool

## ଆଇଏନ୍ଏସ୍ ନିପନ କମିଶନ

ଭାରତୀୟ ନୌସେନାରେ ଆଜି ଆଇଏନ୍ଏସ୍ ନିପନ୍ ଜାହାଜକୁ ସାମିଲ କରାଯାଇଛି । ମୁମ୍ବାଇସ୍ଥିତ ନୌସେନା ଡକ୍ୟାର୍ଡରେ ନିଷ୍ଟର୍କ୍ଲସ୍ର ଦ୍ୱିତୀୟ ଡାଇଭିଂ ସପୋର୍ଟ ଜାହାଜ ଭାବେ ଏହି ଜାହାଜକୁ ଜଳାବତରଣ କରାଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ନୌସେନା ମୁଖ୍ୟ ଆଡ୍ମିରାଲ୍ କୃଷ୍ଣ ସ୍ୱାମୀନାଥନ୍ କହିଛନ୍ତି, ରଣନୈତିକ ପରିବର୍ତ୍ତନ କ୍ଷେତ୍ରରେ ଏହି ଜାହାଜ ଭାରତୀୟ ନୌସେନା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଆଇଏନ୍ଏସ୍ ନିପନ୍ ଦୀର୍ଘ ସମୟ ଧରି ସମୁଦ୍ରରେ ରହିବା ସହ ଜଟିଳ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

Desk

## ସିବିଆଇଜି ଅଧିକାରୀ ପରଲୋକ

ଭାରତୀୟ ପୁଲିସ ସେବା ତଥା ସି.ଆଇ.ଡି., ସି.ବି–ଆଇ.ଜି. ଅଧିକାରୀ ଶଫିନ ଅହମ୍ମଦ କେ'ଙ୍କ ୫୦ ବର୍ଷ ବୟସରେ ଆଜି ପରଲୋକ

ହୋଇଯାଇଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକପ୍ରକାଶ କରାଯାଉଛି । ରାଜ୍ୟ ତଥା ଓଡ଼ିଶା ପୁଲିସ ପ୍ରଶାସନ ପ୍ରତି ତାଙ୍କର ନିଷ୍ଠାପର ସେବା ଓ ଅତୁଳନୀୟ ଯୋଗଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

English Pool

## ବୈଷ୍ଣବ – ସେମିକନ୍ – ୨.୦

ଦେଶରେ ଚିପ୍ ବିନିର୍ମାଣ ଇକୋ-ସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଆଜି ସେମିକନ୍-୨.୦ ଯୋଜନାର ଅଧିସୂଚନା ଜାରି କରିଛନ୍ତି । ଏଥିଲାଗି ୧ ଲକ୍ଷ ୨୭ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି । ଏହି ଯୋଜନା ମାଧ୍ୟମରେ ଆଗାମୀ ଦିନରେ ଭାରତ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ବଜାରରେ ପ୍ରାୟ ୧୦ ପ୍ରତିଶତର ଅଂଶୀଦାର ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

N.gada./SMBLPUR/R.gada./Balangir/Desk

## ଜିଲ୍ଲା– ସ୍ୱାୟତ୍ତ ଶାସନ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି ।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ପାଟଣାଗଡ଼ ଏନ୍.ଏ.ସି'ର ଉନ୍ନତି କ୍ଷେତ୍ରରେ ଗତ ଦୁଇ ବର୍ଷ ମଧ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୫ କୋଟି ଟଙ୍କା ପ୍ରଦାନ କରିଥିବା ଶ୍ରୀ ସିଂହଦେଓ ସୂଚନା ଦେଇଛନ୍ତି।

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଛନ୍ତି, ତୃଣମୂଳସ୍ତରରେ ସୁଶାସନ ଓ ବିକାଶର ନୂତନ ଅଧ୍ୟାୟ ସ୍ୱାୟତ୍ତ ଶାସନ। ଏହି ଅବସରରେ ଶ୍ରୀ ସୂରଜ ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ପୌରାଞ୍ଚଳର ଉନ୍ନୟନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟଟନ ଏବଂ କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟର ନବୀକରଣ, ହୀରାକୁଦ ପର୍ଯ୍ୟଟନର ଉନ୍ନତି ଏବଂ ବୁର୍ଲାଠାରେ ଇଣ୍ଡୋର ଷ୍ଟାଡିୟମ୍ ସହ ୨୦୦ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ନିର୍ମାଣ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାୟଗଡ଼ା ଜିଲ୍ଲା ପୌର ପରିଷଦରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କାଡ୍ରାକା ଆପାଲାସ୍ୱାମୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)-୨.୦ ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

ନୟାଗଡ଼ ଜିଲ୍ଲାରେ ମଧ୍ୟ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

Baragada

## ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ବରଗଡ଼, ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର ଅଦାଲତ ପରିସରରେ ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ମାମଲାର ସମାଧାନ କରାଯିବ।

Rayagada

## ମା' ମଝିଘରିଆଣୀ ଦାନହୁଣ୍ଡି

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ମା' ମଝିଘରିଆଣୀଙ୍କ ମନ୍ଦିରର ଦାନହୁଣ୍ଡି ଦୁଇ ମାସ ପରେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଜି ୯ଟି ଦାନ ହୁଣ୍ଡି ଖୋଲାଯାଇ ଗଣତି କରାଯାଇ ୫୪ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି। ଏଥିସହିତ ୫୪ ଗ୍ରାମ ସୁନା ଓ ୧ କେଜିରୁ ଊର୍ଦ୍ଧ୍ୱ

ରୁପା ଅଳଙ୍କାର ମିଳିଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଗଣତିରେ ୨୫୦ ଜଣ ମହିଳା ସ୍ୱେଚ୍ଛାସେବୀ ନିୟୋଜିତ ଥିଲେ।

Nabarangpur/MET

# ପାଣିପାଗ

ଉତ୍ତର ବଙ୍ଗୋପସାଗର, ସଂଲଗ୍ନ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ସୃଷ୍ଟ ସ୍ୱଷ୍ଟ ଚିହ୍ନିତ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି ।

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଇନ୍ଦ୍ରାବତୀ ନଦୀର ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରଶାସନ ପକ୍ଷରୁ ସତର୍କ କରାଯାଉଛି। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଡାକବାଜି ଯନ୍ତ୍ର ସହ ସଚେତନତା

ଅଭିଯାନ ଆରମ୍ଭ ହୋଇଛି । ମୌସୁମୀ ପ୍ରଭାବରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୧୫୪ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୨୪ ଦଶମିକ ୮/୩ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୨ ହଜାର ୮୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୮ଟି ସ୍ଲୁଇସ୍ ଗେଟ୍‌ଦେଇ ୧ ଲକ୍ଷ ୬୨ ହଜାର ୮୯୫ ଘନଫୁଟ ଜଳ ନିଷ୍କାସିତ ହେଉଛି ।